ତାମିଲନାଡୁ ରାଜ୍ୟ

ବନାମ

ପି.କେ. ଶାମସୁଦ୍ଦିନ

ଜୁଲାଇ 21, 1992

[ଟି.କେ. ଥୋମେନ୍ ଏବଂ ଏସ୍.ପି. ଭରୁଚା, ନ୍ୟାୟମୂର୍ତ୍ତିଦ୍ୱୟ]

*ବିଦେଶୀ ମୁଦ୍ରା ସଂରକ୍ଷଣ ଏବଂ ଚୋରାଚାଲାଣ କାର୍ଯ୍ୟକଳାପ ନିବାରଣ ଅଧିନିୟମ, 1974:*

*ଧାରା 3 – ପ୍ରତିଷେଧକ ଅଟକ - ଅଟକ ଆଦେଶ - କାର୍ଯ୍ୟକାରୀ କରିବାରେ ଅତ୍ୟଧିକ ଏବଂ ଅବ୍ୟକ୍ତ ବିଳମ୍ବ କାରଣରୁ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ - ଯଥାର୍ଥତା ।*

**ଉତ୍ତରଦାତାଙ୍କ କାକାଙ୍କ ବିରୁଦ୍ଧରେ ଅପିଲକାରୀ-ରାଜ୍ୟ ଦ୍ୱାରା ବିଦେଶୀ ମୁଦ୍ରା ସଂରକ୍ଷଣ ଏବଂ ଚୋରାଚାଲାଣ କାର୍ଯ୍ୟକଳାପ ନିବାରଣ ଅଧିନିୟମ, 1974ର ବ୍ୟବସ୍ଥା ଅନୁଯାୟୀ ଅଟକର ଏକ ଆଦେଶ ପାରିତ କରାଯାଇଥିଲା । ଅଟକ ଆଦେଶକୁ ଆପତ୍ତି କରି ଅଟକ ବନ୍ଦୀ ଜଣକ କଲିକତା ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ । ଅପିଲକାରୀଙ୍କୁ ଉଚ୍ଚ ନ୍ୟାୟାଳୟ ଅଟକ ବନ୍ଦୀଙ୍କୁ ଅଟକ ରଖିବାରୁ ବାରଣ କରି ଏକ ଅସ୍ଥାୟୀ ନିଷାଦ୍ଧାଦେଶ ନିର୍ଦ୍ଦେଶ ପାରିତ କରିଥିଲେ, କିନ୍ତୁ ଅପିଲକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ପାଲଟା ସତ୍ୟପାଠକୁ ବିଚାର କରିବା ପରେ ନିଷାଦ୍ଧାଦେଶ ନିର୍ଦ୍ଦେଶଟିକୁ ବାତିଲ କରିଦେଲେ । ଏହା ପରେ ଉତ୍ତରଦାତା, ବନ୍ଦୀ ହୋଇଥିବା ବ୍ୟକ୍ତିଙ୍କ ଜଣେ ପୁତୁରା, ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ, ଯାହା ଉକ୍ତକୁ ଏହି ଆଧାରରେ ମଞ୍ଜୁରୀ ଦେଇଥିଲା ଯେ, ଅଟକାଦେଶର କାର୍ଯ୍ୟକାରିତାରେ ଅତ୍ୟଧିକ ଏବଂ ଅବ୍ୟକ୍ତ ବିଳମ୍ବ ହୋଇଥିଲା ।**

**ଅପିଲକାରୀ-ରାଜ୍ୟ ପକ୍ଷରୁ ଏହି ନ୍ୟାୟାଳୟରେ ଆଗତ ଅପିଲରେ, ଏହା ଯୁକ୍ତି କରାଯାଇଥିଲା ଯେ, ଉଚ୍ଚ ନ୍ୟାୟାଳୟ ଅଟକ ଆଦେଶର କାର୍ଯ୍ୟାନ୍ୱୟନକୁ ରୋକିବା ପାଇଁ ତାଙ୍କର ଅସାଧାରଣ କ୍ଷମତା ପ୍ରୟୋଗ କରିବାରେ ନ୍ୟାୟସଙ୍ଗତ ନୁହେଁ ।**

ଉତ୍ତରଦାତାଙ୍କ ପକ୍ଷରୁ, ଏହା ଯୁକ୍ତି କରାଯାଇଥିଲା ଯେ, ଆଦେଶ ପାରିତ ତାରିଖ ଏବଂ କଲିକତା ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ ତାରିଖ ମଧ୍ୟରେ, ବନ୍ଦୀ ନିୟମିତ ଭାବରେ ସମ୍ପୃକ୍ତ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ହାଜର ହୋଇଥିଲେ ଏବଂ ଅଟକ ଆଦେଶ ଅନୁଯାୟୀ କର୍ତ୍ତୃପକ୍ଷ ତାଙ୍କୁ ଅଟକ ରଖିବାରେ ବିଫଳ ହେବା ପାଇଁ କୌଣସି ସନ୍ତୋଷଜନକ ବ୍ୟାଖ୍ୟା ନଥିଲା ଏବଂ ଅଯଥା ଏବଂ ଅଯୌକ୍ତିକ ବିଳମ୍ବ ଦ୍ୱାରା ଅଟକର କାରଣ ଏବଂ ଉଦ୍ଦେଶ୍ୟ ମଧ୍ୟରେ ପ୍ରତ୍ୟକ୍ଷ ଏବଂ ନିକଟତମ ସମ୍ପର୍କ ଛିନ୍ନ ହୋଇଯାଇଥିଲା ।

ଅପିଲକୁ ମଞ୍ଜୁରୀ ଦେଇ, ଏହି ନ୍ୟାୟାଳୟ

ଦର୍ଶାଇଛନ୍ତି: ଅଟକ ବନ୍ଦୀଙ୍କ ବିରୋଧରେ ପାରିତ ଅଟକ ଆଦେଶର କାର୍ଯ୍ୟକାରିତାରେ ବିଳମ୍ବ, ଯାହା ଉପରେ ମାଡ୍ରାସର ଉଚ୍ଚ ନ୍ୟାୟାଳୟ ଏହା ଦେଇଥିବା ପ୍ରତିକାର ପ୍ରତିଷ୍ଠା କରିଥିଲେ, କଲିକତାରେ ବନ୍ଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ତାରିଖ ସୁଦ୍ଧା ଏହା ଦାଖଲ କରାଯାଇ ସାରିଥିଲା । ବିଳମ୍ବ ହୋଇଛି ବୋଲି, ସ୍ପଷ୍ଟତଃ, ଅଟକ ଥିବା ବ୍ୟକ୍ତିଜଣକ ଜାଣିଥିଲେ, ଯିଏ ନିଜେ କଲିକତାରେ ରିଟ୍ ଆବେଦନକାରୀ ଥିଲେ । ତଥାପି, କଲିକତାରେ ବିଳମ୍ବର କାରଣକୁ ଗ୍ରହଣ କରାଯାଇ ନଥିଲା । ପରବର୍ତ୍ତୀ ସମୟରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତାଙ୍କ ଦ୍ୱାରା ରିଟ୍ ଆବେଦନ ଦାଖଲ କରାଯିବା ସମୟରେ କଲିକତା ଉଚ୍ଚ ନ୍ୟାୟାଳୟ ଅପିଲକାରୀଙ୍କୁ ଅଟକ ଆଦେଶ କାର୍ଯ୍ୟକାରୀ କରିବାରୁ ନିଷେଧ କରୁଥିବା ମଧ୍ୟବର୍ତ୍ତୀକାଳୀନ ନିଷାଦ୍ଧାଦେଶକୁ ରଦ୍ଦ କରିବା ପରେ ହିଁ ଏହା ଗ୍ରହଣ କରାଯାଇଥିଲା । ଅଟକ ଆଦେଶକୁ ଆପତ୍ତି କରି କଲିକତାରେ ଏକ ରିଟ୍ ଆବେଦନ ଦାଖଲ କରାଯାଇଥିଲା ବୋଲି ମାଡ୍ରାସରେ ରିଟ୍ ଆବେଦନ ଏବଂ ଦାଖଲ ହୋଇଥିବା ଉତ୍ତରରେ ଉଲ୍ଲେଖ କରାଯାଇଥିଲା । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଟକ ଆଦେଶକୁ କାର୍ଯ୍ୟକାରୀ କରିବାରୁ ନିବୃତ୍ତ ରହିବା ପାଇଁ ଅପିଲକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଉଚ୍ଚ ବିଶେଷାଧିକାର ପରମ ଆଜ୍ଞାଦେଶ ଜାରି କରିବା ପାଇଁ ନିଜର ବିବେକ ପ୍ରୟୋଗ କରିବା ଯଥାର୍ଥ ନଥିଲା । [591 B- D]

*ଭାରତ ସରକାରଙ୍କ ଅତିରିକ୍ତ ସଚିବ ଏବଂ ଅନ୍ୟମାନେ ବନାମ ଶ୍ରୀମତୀ ଅଲକା ସୁଭାଷ ଗଡ଼ିଆ ଏବଂ ଅନ୍ୟମାନେ,* J.T. (1991) 1 S.C. 549, ବିଶିଷ୍ଟ ।

*ଏନ୍.କେ. ବାପ୍ନା ବନାମ ଭାରତ ସଂଘ* **(1992) 60 E.L.T. 13 S.C. ଏବଂ** *କେ.ପି.ଏମ୍. ବଶୀର କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟଜଣେ ଇତ୍ୟାଦି,* **[1992] 2 SCC 295, ଉଲ୍ଲେଖ କରାଯାଇଛି ।**

ଅପରାଧିକ ଅପିଲ କ୍ଷେତ୍ରାଧିକାର: ଫୌଜଦାରୀ ଅପିଲ ସଂଖ୍ୟା 392/1992 ।

ଡବ୍ଲ୍ୟୁ.ପି. ସଂଖ୍ୟା 9587/1991ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 03.01.92 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା ଭି.ଆର୍. ରେଡ୍ଡୀ, କେ.ଭି. ଭେଙ୍କଟରମଣ, କେ.ଭି. ବିଶ୍ୱନାଥନ ଏବଂ ଭି.ଜି. ପ୍ରଗସମ ।

ଉତ୍ତରଦାତାଙ୍କ ପାଇଁ ବି. କୁମାର ଏବଂ କେ.କେ. ମାନି ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

ଭାରୁଚା, ନ୍ୟାୟମୂର୍ତ୍ତି । ଅପିଲ କରିବା ପାଇଁ ସ୍ୱତନ୍ତ୍ର ଅପିଲ ମଞ୍ଜୁର କରାଗଲା ।

ଏହା ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର ଏକ ଖଣ୍ଡପୀଠଙ୍କ ରାୟ ଏବଂ ଆଦେଶ ବିରୁଦ୍ଧରେ ଏକ ଅପିଲ, ଯେଉଁଥିରେ ବର୍ତ୍ତମାନର ଅପିଲକାରୀଙ୍କ ବିରୁଦ୍ଧରେ ଏକ ରିଟ୍ ଜାରି କରାଯାଇଛି, ଯେଉଁଥିରେ ସେ ମାମୋଙ୍କ ପୁଅ ଜଣେ ଶେଖ ଅହମ୍ମଦ ହାଜିଙ୍କ ବିରୁଦ୍ଧରେ ବିଦେଶୀ ମୁଦ୍ରା ସଂରକ୍ଷଣ ଏବଂ ଚୋରା ଚାଲାଣ କାର୍ଯ୍ୟକଳାପ ନିବାରଣ ଅଧିନିୟମ, 1974 (ଏଠାରେ 'ସି ଓ ଏଫ୍ ଇ ପି ଓ ଏସ୍ ଏ' ଭାବରେ ଉଲ୍ଲେଖ କରାଯାଇଛି) ର ବ୍ୟବସ୍ଥା ଅନୁଯାୟୀ ତାଙ୍କ ଦ୍ୱାରା ଜାରି କରାଯାଇଥିବା ଅଟକ ଆଦେଶକୁ କାର୍ଯ୍ୟକାରୀ କରିବାରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

8 ମାର୍ଚ୍ଚ, 1988ରେ ଅଟକ ଆଦେଶ ଜାରି କରାଯାଇଥିଲା । 5 ଏପ୍ରିଲ 1989ରେ ଅଟକ ବନ୍ଦୀ ଜଣକ କଲିକତା ଉଚ୍ଚ ନ୍ୟାୟାଳୟର ନ୍ୟାୟ ବିଧାନରେ ଏକ ରିଟ୍ ଆବେଦନ (ରିଟ୍ ଆବେଦନ ସଂଖ୍ୟା C.O.4202/W/89) ଦାୟର କରି ଅଟକ ଆଦେଶକୁ ବିରୋଧ କରିଥିଲେ । ଅଟକ ବନ୍ଦୀ ଜଣକ ସେଥିରେ କହିଥିଲେ ଯେ, ସେ ପୋର୍ଟ ବ୍ଲେୟାରର ଆବେରଡିନ ବଜାରର ବାସିନ୍ଦା ଏବଂ ସେଠାରୁ ବ୍ୟବସାୟ କରିଥିଲେ । ରିଟ୍ ଆବେଦନ ଗ୍ରହଣ କରାଯାଇଥିଲା ଏବଂ ବର୍ତ୍ତମାନର ଅପିଲକାରୀଙ୍କୁ ଦୁଇ ସପ୍ତାହ ପାଇଁ ଅଟକ ବନ୍ଦୀଙ୍କୁ ଅଟକ ରଖିବା ପାଇଁ ନିଷେଧ କରାଯାଇଥିଲା । 19 ଏପ୍ରିଲ 1989ରେ ରିଟ୍ ଆବେଦନର ପରିସମାପ୍ତି ହେବା ପର୍ଯ୍ୟନ୍ତ

କାର୍ଯ୍ୟକ୍ଷମ ହେବା ପାଇଁ ନିଷେଧାଦେଶକୁ ବୃଦ୍ଧି କରାଯାଇଥିଲା । 12 ଏପ୍ରିଲ 1991ରେ, ବର୍ତ୍ତମାନର ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ପାଲଟା-ସତ୍ୟପାଠ ଉପରେ ବିଚାର କରିବା ପରେ, ନିଷେଧାଦେଶ ଆଦେଶ ବାତିଲ କରାଯାଇଥିଲା । ଏହା ପରେ, 10 ଜୁଲାଇ 1991ରେ, ଏହି ଅପିଲରେ ଉତ୍ତରଦାତାଙ୍କ ଦ୍ୱାରା ମାଡ୍ରାସରେ ଏହି ରିଟ୍ ଆବେଦନ ଦାଖଲ କରାଯାଇଥିଲା, ଯିଏ ଅଟକ ବନ୍ଦୀଙ୍କ ଜଣେ ପୁତୁରା ଅଟନ୍ତି । ଅପିଲ ଅଧୀନରେ ରାୟ ଏବଂ ଆଦେଶ ଦ୍ୱାରା ରିଟ୍ ଆବେଦନକୁ ଏହି ଆଧାରରେ ମଞ୍ଜୁରୀ ଦିଆଯାଇଥିଲା ଯେ, ଅଟକାଦେଶର କାର୍ଯ୍ୟକାରିତାରେ ଅତ୍ୟଧିକ ଏବଂ ଅବ୍ୟକ୍ତ ବିଳମ୍ବ ହୋଇଥିଲା । କୋଏମ୍ବଟୁରର ଜଣେ ଅଧିବକ୍ତା 12 ନଭେମ୍ବର 1991ରେ ଏକ ଶପଥପତ୍ର ଦେଇଥିଲେ ଯେଉଁଥିରେ ଅଟକ ବନ୍ଦୀଙ୍କ ପାଇଁ ଅଧିବକ୍ତା ଭାବରେ ସେ କହିଥିଲେ ଯେ, 4 ଡିସେମ୍ବର 1987 ରୁ 3 ଅଗଷ୍ଟ 1988 ମଧ୍ୟରେ ବିଭିନ୍ନ ତାରିଖରେ ସୀମା ଶୁଳ୍କ ଅଧିନିୟମ ଅନୁଯାୟୀ ତାଙ୍କ ବିରୁଦ୍ଧରେ ନିଆଯାଇଥିବା ସମ୍ପୃକ୍ତ ଫୌଜଦାରୀ କାର୍ଯ୍ୟରେ ଅଟକ ବନ୍ଦୀ ଦଣ୍ଡାଧିକାରୀଙ୍କ ନ୍ୟାୟାଳୟରେ ହାଜର ହୋଇଥିଲେ, ଯାହାର ବୟାନଗୁଡ଼ିକ ସ୍ୱୀକାରଯୋଗ୍ୟ ଭାବରେ ସଠିକ ଥିଲା ।

ଶ୍ରୀ ଭି.ଆର. ରେଡ୍ଡୀ, ବିଜ୍ଞ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା, ବର୍ତ୍ତମାନର ଅପିଲକାରୀଙ୍କ ତରଫରୁ ହାଜର ହୋଇ, *ଭାରତ ସରକାରଙ୍କ ଅତିରିକ୍ତ ସଚିବ ଏବଂ ଅନ୍ୟମାନେ ବନାମ ଶ୍ରୀମତୀ ଅଲକା ସୁଭାଷ ଗଡ଼ିଆ ଏବଂ ଅନ୍ୟମାନେ,* J.T. (1991) 1 S.C. 549 ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରିଥିଲେ । ଏହି ନ୍ୟାୟାଳୟ ଏହିପରି ରାୟ ଦର୍ଶାଇଲେ :-

> "ଏହା କହିବା ଠିକ ନୁହେଁ ଯେ, କୌଣସି ଅଟକ ଆଦେଶ କାର୍ଯ୍ୟକାରୀ ହେବା ପୂର୍ବରୁ ଏହା ବିରୋଧରେ ଅଭିଯୋଗ ଗ୍ରହଣ କରିବାର ନ୍ୟାୟାଳୟମାନଙ୍କର କୌଣସି କ୍ଷମତା ନାହିଁ । ନ୍ୟାୟାଳୟମାନଙ୍କ ପାଖରେ ଆବଶ୍ୟକୀୟ କ୍ଷମତା ଅଛି ଏବଂ ସେମାନେ ଏହାକୁ ଉପରୋକ୍ତ ଭାବରେ ଉଲ୍ଲେଖ କରାଯାଇଥିବା ପରି ଉପଯୁକ୍ତ ମାମଲାରେ ବ୍ୟବହାର କରିଛନ୍ତି, ଯଦିଓ ଏପରି ମାମଲା ବହୁତ କମ୍ ଥିଲା ଏବଂ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ନ୍ୟାୟାଳୟମାନେ ଯେଉଁ ଆଧାରରେ ଏଥିରେ ହସ୍ତକ୍ଷେପ କରିଛନ୍ତି ତାହା ପରିସର ଏବଂ ସଂଖ୍ୟାରେ ଅତ୍ୟନ୍ତ ସୀମିତ, ଯଥା, ଯେଉଁଠାରେ ନ୍ୟାୟାଳୟଗୁଡ଼ିକ ପ୍ରଥମ ଦୃଷ୍ଟିଗତ ସନ୍ତୁଷ୍ଟ ହୁଅନ୍ତି (i) ଯେଉଁ ଅଧିନିୟମ ଅନୁଯାୟୀ ଆକ୍ଷେପିତ ଆଦେଶ ପ୍ରଦାନ କରାଯାଇଛି ବୋଲି

> କୁହାଯାଉଛି ତାହା ଅନୁଯାୟୀ ଏହା ପାରିତ କରାଯାଇ ନାହିଁ, (ii) ଏହା ଜଣେ ଭୁଲ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରାଯାଉଛି (iii) ଏହା ଏକ ଭୁଲ ଉଦ୍ଦେଶ୍ୟ ପାଇଁ ପ୍ରଦାନ କରାଯାଇଛି, (iv) ଏହା ଅସ୍ପଷ୍ଟ, ବାହ୍ୟ ଏବଂ ଅପ୍ରାସଙ୍ଗିକ ଆଧାରରେ ପ୍ରଦାନ କରାଯାଇଛି କିମ୍ବା (v) ଯେଉଁ କର୍ତ୍ତୃପକ୍ଷ ଏହାକୁ ପ୍ରଦାନ କରିଛନ୍ତି ସେମାନଙ୍କର ଏପରି କରିବାର କୌଣସି ଅଧିକାର ନାହିଁ । ଅନ୍ୟ କୌଣସି କାରଣରୁ ଅଟକ ଆଦେଶର କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସେମାନଙ୍କ ହସ୍ତକ୍ଷେପ, ନ୍ୟାୟିକ ସମୀକ୍ଷାର ଅସାଧାରଣ କ୍ଷମତା ବ୍ୟବହାର କରିବାକୁ ନ୍ୟାୟାଳୟମାନେ ମନା କରିବା ଉକ୍ତ କ୍ଷମତା ପରିତ୍ୟାଗ କିମ୍ବା ପ୍ରସ୍ତାବିତ ବନ୍ଦୀକୁ ପ୍ରତ୍ୟାଖ୍ୟାନ କରିବା ନୁହେଁ, ବରଂ ସେମାନଙ୍କର ଅପବ୍ୟବହାର ଏବଂ ପ୍ରଶ୍ନରେ ଥିବା ଆଇନର ବିକୃତିକୁ ରୋକିଥାଏ" ।

ଶ୍ରୀ ରେଡ୍ଡିଙ୍କ ଉପସ୍ଥାପନରେ, ବନ୍ଦୀଙ୍କ ମାମଲା ଉପରୋକ୍ତ ରାୟରେ ଉଲ୍ଲେଖିତ ସୀମିତ ପରିସର ମଧ୍ୟରେ ଆସୁନଥିଲା ଏବଂ ତେଣୁ, ଉଚ୍ଚ ନ୍ୟାୟାଳୟ ଅଟକ ଆଦେଶ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରିବା ପାଇଁ ଏହାର ଅସାଧାରଣ କ୍ଷମତା ପ୍ରୟୋଗ କରିବା ଯଥାର୍ଥ ନୁହେଁ ।

ଶ୍ରୀଯୁକ୍ତ ବି. କୁମାର, ବର୍ତ୍ତମାନର ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଧିବକ୍ତା, *ଏନ୍.କେ. ବାପ୍ନା ବନାମ ଭାରତ ସଂଘ* (1992) 60 E.L.T. 13 S.C. ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରିଥିଲେ । ଏହି ନ୍ୟାୟାଳୟ ସେଠାରେ ଉପରୋକ୍ତ *ଅଲକା ସୁଭାଷ ଗଡ଼ିଆଙ୍କ* ମାମଲାରେ ରାୟକୁ ନିଶ୍ଚିତ କରିଥିଲେ ।

8 ମାର୍ଚ୍ଚ 1988, ଯେତେବେଳେ ଏହା ଜାରି ହୋଇଥିଲା ଏବଂ 5 ଏପ୍ରିଲ 1989, ଯେତେବେଳେ କଲିକତା ଉଚ୍ଚ ନ୍ୟାୟାଳୟ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦ୍ୱାରା ଏହାର ନିଷ୍ପାଦନ ଉପରେ ରୋକ ଲଗାଇଥିଲା, ଅଟକାଦେଶର କାର୍ଯ୍ୟକାରିତାରେ ବିଳମ୍ବ ଉପରେ ଶ୍ରୀ କୁମାରଙ୍କ ଦ୍ୱାରା ଏହା ଉପରେ ବହୁତ ଗୁରୁତ୍ୱାରୋପ କରାଯାଇଥିଲା । ଏହା ଉପସ୍ଥାପନ କରାଯାଇଥିଲା ଯେ, ଏହି ସମୟ ମଧ୍ୟରେ ଅଟକ ବନ୍ଦୀ ନିୟମିତ ଭାବରେ କୋଏମ୍ବଟୁରର ସମ୍ପୃକ୍ତ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ହାଜର ହୋଇଥିଲେ ଏବଂ କର୍ତ୍ତୃପକ୍ଷ ତାଙ୍କୁ ଅଟକ ଆଦେଶ ଅନୁଯାୟୀ ଅଟକ ରଖିବାରେ ବିଫଳ ହେବା ପାଇଁ କୌଣସି ସନ୍ତୋଷଜନକ ବ୍ୟାଖ୍ୟା ନଥିଲା । *କେ.ପି.ଏମ୍. ବଶୀର ବନାମ କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟଜଣେ ଇତ୍ୟାଦି* [1992] 2 SCC 295 ରେ ଏହି ନ୍ୟାୟାଳୟଙ୍କର ରାୟ ଉପରେ ନିର୍ଭର କରାଯାଇଥିଲା ଏବଂ ଏହା ଉପସ୍ଥାପନ କରାଯାଇଥିଲା ଯେ,

ଅଯଥା ଏବଂ ଅଯୌକ୍ତିକ ବିଳମ୍ବ ଦ୍ୱାରା ଅଟକର କାରଣ ଏବଂ ଉଦ୍ଦେଶ୍ୟ ମଧ୍ୟରେ ଜୀବନ୍ତ ଏବଂ ନିକଟତମ ସମ୍ପର୍କ ଛିନ୍ନ ହୋଇଯାଇଛି । *କେ.ପି.ଏମ୍. ବଶୀରଙ୍କ* ମାମଲାରେ ଅଟକ ରଖିବାରେ ବିଳମ୍ବ 5 ମାସ ଏବଂ 11 ଦିନ ଥିଲା, କିନ୍ତୁ ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ରିଟ୍ ଆବେଦନ ଦାଖଲ ହେବା ପୂର୍ବରୁ ଅଟକ ରଖାଯାଇଥିଲା ।

ସ୍ପଷ୍ଟ ଭାବରେ, ବର୍ତ୍ତମାନର ମାମଲା *ଅଲକା ସୁଭାଷ ଗଡ଼ିଆଙ୍କ* ମାମଲାରେ ପୂର୍ବ-ଅଟକ ପର୍ଯ୍ୟାୟରେ ଅଟକ ଆଦେଶରେ ହସ୍ତକ୍ଷେପକୁ ଯଥାର୍ଥ କରିବା ପାଇଁ ଉଲ୍ଲେଖ କରାଯାଇଥିବା ସାଧାରଣ ରୂପରେଖ ମଧ୍ୟରେ ଆସୁନାହିଁ । ସି ଓ ଏଫ୍ ଇ ପି ଓ ଏସ୍ ଏ ଅଧୀନରେ ଅଟକ ଆଦେଶ ପାରିତ କରାଯାଇଥିଲା, ନା ଏହାକୁ ସଠିକ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରାଯାଇଥିଲା, ନା ଏହାକୁ ଭୁଲ ଉଦ୍ଦେଶ୍ୟ ପାଇଁ ପାରିତ କରାଯାଇଥିଲା, ନା ଏହାକୁ ଅସ୍ପଷ୍ଟ, ବାହ୍ୟ କିମ୍ବା ଅପ୍ରାସଙ୍ଗିକ ଆଧାରରେ ପାରିତ କରାଯାଇଥିଲା, ନା ଏହାକୁ ପାରିତ କରିଥିବା କର୍ତ୍ତୃପକ୍ଷଙ୍କର ଏପରି କରିବାର କୌଣସି ଅଧିକାର ନଥିଲା, ବୋଲି ଏଥିରେ କୌଣସି ବିବାଦ ନାହିଁ ।

ଏହା ମଧ୍ୟ ଟିପ୍ପଣୀ କରିବା ପ୍ରାସଙ୍ଗିକ ଯେ, କଲିକତାରେ ରିଟ୍ ଆବେଦନ 5 ଏପ୍ରିଲ 1989 ରେ ଦାଖଲ କରାଯାଇଥିଲା । ଅଟକ ଆଦେଶର କାର୍ଯ୍ୟକାରିତାରେ ବିଳମ୍ବ ଯାହା ଉପରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ଏହା ଦେଇଥିବା ପ୍ରତିକାର ପ୍ରତିଷ୍ଠା କରିଥିଲେ ତାହା ଏପ୍ରିଲ 5, 1989 ସୁଦ୍ଧା ହୋଇସାରିଥିଲା । ବିଳମ୍ବ ହୋଇଛି ବୋଲି, ସ୍ପଷ୍ଟତଃ, ବନ୍ଦୀ ବ୍ୟକ୍ତି ଜଣକ ଜାଣିଥିଲେ ଯିଏ ନିଜେ କଲିକତାରେ ରିଟ୍ ଆବେଦନକାରୀ ଥିଲେ । ତଥାପି, ବିଳମ୍ବର ପ୍ରସଙ୍ଗକୁ କଲିକତାରେ ଗ୍ରହଣ କରାଯାଇ ନଥିଲା । 10 ଜୁଲାଇ 1991ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ବର୍ତ୍ତମାନର ଉତ୍ତରଦାତାଙ୍କ ଦ୍ୱାରା ରିଟ୍ ଆବେଦନ ଦାଖଲ କରାଯିବା ସମୟରେ କଲିକତା ଉଚ୍ଚ ନ୍ୟାୟାଳୟ 12 ଏପ୍ରିଲ 1991ରେ ବର୍ତ୍ତମାନର ଅପିଲକାରୀଙ୍କୁ ଅଟକ ଆଦେଶ କାର୍ଯ୍ୟକାରୀ କରିବାରୁ ନିଷେଧ କରୁଥିବା ମଧ୍ୟବର୍ତ୍ତୀକାଳୀନ ନିଷାଦ୍ଧାଦେଶକୁ ଖାରଜ କରିବା ପରେ ହିଁ ଏହା ଗ୍ରହଣ କରାଯାଇଥିଲା । ଅଟକ ଆଦେଶକୁ ଆପତ୍ତି କରି କଲିକତାରେ ଏକ ରିଟ୍ ଆବେଦନରେ ଦାଖଲ କରାଯାଇଥିଲା ବୋଲି ମାଡ୍ରାସ ରିଟ୍ ଆବେଦନ ଏବଂ ଦାଖଲ ହୋଇଥିବା ଉତ୍ତରରେ ଉଲ୍ଲେଖ କରାଯାଇଥିଲା । ଆମେ ଭାବୁନାହୁଁ ଯେ, ଏହି ପରିସ୍ଥିତିଗୁଡ଼ିକରେ, ଉଚ୍ଚ ନ୍ୟାୟାଳୟ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଟକ ଆଦେଶକୁ କାର୍ଯ୍ୟକାରୀ କରିବାରୁ ନିବୃତ୍ତ ରହିବା ପାଇଁ

ଅପିଲକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଉଚ୍ଚ ବିଶେଷାଧିକାର ପରମ ଆଜ୍ଞାଦେଶ ଜାରି କରିବା ପାଇଁ ନିଜର ବିବେକ ପ୍ରୟୋଗ କରିବା ଯଥାର୍ଥ ନଥିଲା ।

ଫଳସ୍ୱରୂପ, ଅପିଲ ସଫଳ ହୁଏ ଏବଂ ଅପିଲ ଅଧୀନରେ ଥିବା ରାୟ ଏବଂ ଆଦେଶକୁ ରଦ୍ଦ କରିଦିଆଗଲା । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏନ୍.ପି.ଭି. ଅପିଲକୁ ମଞ୍ଜୁରୀ ଦିଆଯାଇଛି ।

—— o ——

ଅସ୍ୱୀକରଣ:

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଯୋଗେଶ୍ୱର ହୋତା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।